# ୩ ଚୋର ଗିରଫ : ଲୁହାପ୍ଲେଟ,ବ୍ୟାଟେରୀ ସହ ଅଟୋ ଜବତ



ଚଣ୍ଡିଖୋଲ, (ସବ୍ୟୁ) :ଯାଜପୁର ଜିଲ୍ଲାର ବଡ଼ଚଣା ଥାନା ପୋଲିସ ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ସାମଗ୍ରୀ ଚୋରି ଘଟଣାରେ ସଂପୃକ୍ତ ୩ଜଣ ଚୋରଙ୍କୁ ଧରିବାରେ ସଫଳ ହୋଇଛି। ଏହି ଚୋର ମାନଙ୍କୁ ପୋଲିସ ଗିରଫ କରିବା ପରେ ସେମାନଙ୍କ ନିକଟରୁ ଚୋରୀ ହୋଇଥିବା ୧୩ଟି ଲୁହା ପ୍ଲେଟ, ୨ଟି ବ୍ୟାଟେରୀ ସହିତ ଏକ ଚୋରିରେ ବ୍ୟବହୃତ ଏକ ଅଟୋ ଗାଡିକୁ ଜବତ କରିଛି। ଗିରଫ ହୋଇଥିବା ୩ଜଣଙ୍କୁ ଶନିବାର ଦିନ ପୋଲିସ କୋର୍ଟ ଚାଲାଣ କରିଛିଘଟଣାରୁ ପ୍ରକାଶ, ବଡଚଣା ଥାନା ବାଘୁଆ ଗ୍ରାମର ପ୍ରଭାସରଞ୍ଜନ ବିଶ୍ୱାଳ ନାମକଜଣେ ଠିକାଦାର ତଗରପଡା ଠାରେ ଥିବା ଚେକ ଡ୍ୟାମରେ ଠିକା କାମ କରୁଥିଲେ। ଗତ ମେ ମାସ ୧୨ ତାରିଖ ରାତିରେ ତାଙ୍କ କାମ ନିକଟରେ ଥିବା ଏକ ମେସିନରୁ ୨ଟି ବ୍ୟାଟେରୀ ସହ ୨୦ ଟି ଲୁହା ସଟର ପ୍ଲେଟ ଚୋରୀ ହୋଇଥିଲା। ଏ ସମ୍ପର୍କରେ ଠିକାଦାର ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଜଗଦୀଶ କର ୧୬୫/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଶ୍ରୀ କର ବିଶେଷ ସୂତ୍ରରୁ ଖବର ପାଇ ପ୍ରଥମେ ବଡଚଣା ଥାନା ଚଣ୍ଡିତଳ ଗ୍ରାମର ସାଗର ଦଳାଇର ପୁଅ ପିଣ୍ଟୁ ଦଳାଇ (୧୯) କୁ ଥାନାକୁ ଧରିଆଣି ପଚରା ଉଚରା କରିବା ପରେ ଚୋରି ସମ୍ପର୍କରେ ସବୁ ସୁରାକ ପାଇଯାଇଥିଲେ।ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତିନି ଜଣ ଚୋରଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ।ଚୋରଙ୍କୁ ଗିରଫ କରିବା ପରେ ସେମାନେ ଚଣ୍ଡିଖୋଲ ଛକରେ ଲୁହାପ୍ଲେଟ ବିକ୍ରି କରିଥିବା ଜଣ ଏକ କବାଡିଆ ଦୋକାନ ଉପରେ ଚଢାଉକରି ଚୋରି ହୋଇଥିବା ଲୁହାପ୍ଲେଟ ଜବତ କରିଥିଲେ। ଏଥିସହ ଯେଉଁ ଅଟୋ ଏହି ଚୋରି ଲୁହାପ୍ଲେଟକୁ ପରିବହନ କରିଥିଲା ପୋଲିସ ଉକ୍ତ ଓଡି,୦୪ ବି –୩୧୮୮ ଅଟୋକୁ ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ଯେଉଁ ମାନେ ଗିରଫ ହୋଇଛନ୍ତି ସେମାନେ ହେଲେ ଅଟୋ ଡ୍ରାଇଭର ଧାନମଣ୍ଡଳ ଗ୍ରାମର ଦୀପକକୁମାର ନାୟକ (୨୨), ମୁଖ୍ୟ ଆସାମୀ ଯାଜପୁର ଗଣପତିପୁରର ବୈଷ୍ଣବ ମାଝୀଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ମାଝୀ (୪୮), ଚଣ୍ଡିଖୋଲ ଛକର ସାଇ କବାଡିଆ ଦୋକାନର ମାଲିକ ସୁଗୁଡ଼ା ଗ୍ରାମର ମହମ୍ମଦ ଇଲିଆସର ପୁଅ ମହମ୍ମଦ ମାହିର (୨୩) ବୋଲି ଜଣାପଡିଛି। ତେବେ ଏହି ଚୋରିରେ ଆଉ ଦୁଇ ତିନିଜଣ ନାବାଳକ ସଂପୃକ୍ତ ବୋଲି ପୋଲିସ ଜାଣିଥିବା ସୂଚନା ମିଳିଛି।ଚଣ୍ଡିଖୋଲ ଛକରେ ଥିବା ମୂଲ୍ୟ ବାନ ସରକାରୀ ଜମି ମାଡିବସି ଏହି ସାଇ କବାଡି ଦୋକାନ ଚାଲିଥିବା ସହ ସେଠାରେ ବହୁ ପ୍ରକାର ଚୋରି ମାଲ ବିକ୍ରି ଖର୍ଦ୍ଦ ହେଉଥିବା ଜାଣିବା ପରେ ତାହାର ଉଚ୍ଛେଦ ପାଇଁ ପୋଲିସ ପକ୍ଷରୁ ଏବେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି।

## ବଜ୍ରପାତରେ ଜଳିଗଲା ଚୁଲିବଖରା

ମହାକାଳପଡ଼ା ,(ସବ୍ୟୁ) :ମହାକାଳପଡ଼ା ବ୍ଲକ ପେଟଛେଲା ପଂଚାୟତ ଅଧୀନ ପଲ୍ଲୀଗଡ଼ ଗାଁ ରେ ବଜ୍ରପାତ ଫଳରେ ଜଳିଯାଇଛି ଚୁଲି ବଖରା ତାଳ ଛପର ଘର । ଶନିବାର ମଧ୍ୟାହ୍ନ ରେ କାଳବୈଶାଖୀ ପ୍ରଭାବରେ ଘଡ ଘଡ଼ି ଓ ପ୍ରବଳ ପବନ ସହିତ ବର୍ଷା ହୋଇଥିଲା । ଘନ ଘନ ବଜ୍ରପାତ ଫଳରେ ପଲ୍ଲୀଗଡ଼ ଗାଁ ର ମଧୁରୀ ନନ୍ଦ ବାଘଙ୍କ ତାଳ ଛପର ଘର ଉପରେ ବଜ୍ରପାତ ହେବାରୁ ଛପର ଘର ଜଳିବାକୁ ଲାଗିଥିଲା । ଜୀବନକୁ ବାଜି ଲଗାଇ ସ୍ଥାନୀୟ ଜନତା ଅବସ୍ଥାରେ ଘରଭିତରେ ଥିବା ମେଣ୍ଢା ଗୁଡିକୁ ଖୋଲି ଦେଇଥିଲେ । ଖବର ପାଇ ମହାକାଳପଡ଼ା ଦମକଳବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିଲେ । କେହି ମୃତାହତ ହୋଇନଥିବା ବେଳେ ମଧୁରନନ୍ଦ ଙ୍କ ଗୋଟିଏ ବଖରା ବାସଗୃହ ଓ ଅନ୍ୟଟି ଗୁହାଳ ଜଳିଯାଇଛି । କ୍ଷତିଗ୍ରସ୍ତ ପରିବାର କୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ ବେହେରା ପ୍ରଶାସନ ନିକଟରେ ଦାବିକରନ୍ତି ।

# ଅମୃତା କନ୍ୟାମାନଙ୍କୁ ସମ୍ବର୍ଦ୍ଧନା

## ସକାରାତ୍ମକ ପ୍ରୟାସ ଓ ଅକ୍ଳାନ୍ତ ପରିଶ୍ରମ ସଫଳତା ଆଣେ



ଜଗତସିଂହପୁର ,(ସବ୍ୟୁ) : ଆଜି ଜଗତସିଂହପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅମୃତା ଫାଉଣ୍ଡେସନର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ନିର୍ଦ୍ଦେଶକ ଡ ବଟ କିଶୋର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଉଦଘାଟନ କରିଥିଲେ ଫାଉଣ୍ଡେସନର ଉପଦେଷ୍ଟା ଜିତେନ୍ଦ୍ର କୁମାର ମହାନ୍ତି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମେରିକା ନର୍ଥ କାରୋଲିନାସ୍ଥ ବି. ଆଇ.ପିର ସିଇଓ ଡ ଧ୍ରୁବେନ୍ଦ୍ର କର କହିଲେ ଯେ ଶିକ୍ଷା ମାଧ୍ୟମରେ ମାନବ ସେବାରେ ସମାଜର ପରିବର୍ତ୍ତନ ହୁଏ । ଅମୃତା କନ୍ୟାମାନଙ୍କୁ ପରାମର୍ଶ ଦେଇ ଡ କର କହିଲେ ଯେ ସକାରାତ୍ମକ ପ୍ରୟାସ ସାଂଗକୁ କଠିନ ପରିଶ୍ରମ ସଫଳତା ଆଣି ଦେଇଥାଏ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ଥାନୀୟ ଗାଦୀବ୍ରହ୍ମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ସସ୍ମିତା ମହାନ୍ତି କହିଲେ ଯେ ଆତ୍ମବିଶ୍ୱାସ ଓ ନିଷ୍ଠାର ସହ କାର୍ଯ୍ୟ କଲେ ନିଶ୍ଚୟ ସଫଳତା ମିଳିବ। ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ ଫାଉଣ୍ଡେସନର ଅଧ୍ୟକ୍ଷ ଡ ଅଭୟ ନାୟକ ଏବଂ କାର୍ଯ୍ୟକ୍ରମକୁ ସଂଚାଳନ କରଥିଲେ ଫାଉଣ୍ଡେସନର ମୁଖ୍ୟ ସଂଯୋଜକ ସଂଗ୍ରାମ କିଶୋର ମହାନ୍ତି।ଏହି ସମ୍ବର୍ଦ୍ଧନା ସଭାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୨୯ ଅମୃତା କନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ।ଶେଷରେ ଫାଉଣ୍ଡେସନର ସଂଯୋଜିକା ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ଷ୍ଟାଡିୟମରେ ୨ଟି ଟର୍ଫ ପିଚ୍ ଉଦ୍‌ଘାଟିତ

ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ନୂତନ ଭାବେ ୨ଗୋଟି ଟର୍ଫ ପିଚର ଉଦଘାଟନ ହୋଇଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହଯୋଗରେ ଏହି ପିଚ ତିଆରି କରାଯାଇଥିବା ବେଳେ କୋଚ୍ ନବ କିଶୋର ଭଞ୍ଜ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏଠାରେ ୧୪, ୧୬ ଏବଂ ୧୯ବର୍ଷରୁ କମ ବର୍ଗର ବାଳକଙ୍କୁ କ୍ରିକେଟ ଉନ୍ନତ ମାନର କ୍ରିକେଟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଟର୍ଫ ପିଚରେ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ଗ୍ରହଣ କରି ଉନ୍ନତମାନର ଖେଳ ପ୍ରଦର୍ଶନ କରିପାରିବେ । ପୂର୍ବରୁ ଏହି ଷ୍ଟାଡିୟମରେ ପ୍ରଶିକ୍ଷଣ ପାଇ ୧୦ରୁ ଅଧିକ ଖେଳାଳୀ ଜିଲ୍ଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଆଗକୁ ଏଠାରୁ ଅଧିକ ଖେଳାଳି ଚୟନ ହୋଇପାରିବେ ବୋଲି କୋଚ ମତପ୍ରକାଶ କରିଛନ୍ତି । ଷ୍ଟାଡିୟମରେ ପ୍ରତ୍ୟହ ସକାଳ ଓ ଅପରାହ୍ନ ସମୟରେ କ୍ରିକେଟ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ବେଳେ ନୂତନ ଭାବେ ତିଆରି କରାଯାଇଥିବା ଏହି ପିଚ ବିଶେଷ ଭାବେ ସହାୟକ ହେବ ବୋଲି କୋଚ ନବ କିଶୋର ଭଞ୍ଜ କହିଛନ୍ତି । ଟର୍ଫ ପିଚ ଉଦଘାଟନ ବେଳେ ବହୁ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହିଥିଲେ ।

# ଗଞ୍ଜେଇ ଜବତ,ଚୋରା ବ୍ୟବସାୟୀ ଗିରଫ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ଅବକାରୀ ବିଭାଗ ତରଫରୁ ଅଚାନକ ଚଢାଉ କରାଯାଇ ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ଗ୍ରାମପଂଚାୟତ ବିଲହାଟ ପେଟ୍ରୋଲ ପମ୍ପ ନିକଟରୁ ଜଣେ ଚୋରା ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ଏକ କିଗ୍ରାରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ଦୀର୍ଘ ଦିନ ହେଲା ପୋଲିସ ପ୍ରଶାସନ ସର୍ବୋପରି ଅବକାରୀ ବିଭାଗର ଜ୍ଞାତସାରରେ ବିଲହାଟ ଚୋରା ମାଦକ ଦ୍ରବ୍ୟ ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଥିଲା। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସାଲେପୁର ଅବକାରୀ ବିଭାଗ ତରଫରୁ ଅଚାନକ ଚଢାଉ କରାଯାଇ ସଂଗ୍ରାମପୁର ଗ୍ରାମର ଧନେଶ୍ୱର ସାହୁଙ୍କୁ ଗିରଫ କରାଯାଇଛି। ବିଭାଗ ତରଫରୁ ତାଙ୍କ ନିକଟରୁ ଏକ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ଏସମ୍ପର୍କରେ ଅବକାରୀ ଥାନା କେଶ ନଂ ୩୦/୨୦୨୬ରେ ଏକ ମାମଲା ରୁଜୁ ହୋଇଛି।ସାଲେପୁର ଅବକାରୀ ଥାନା ଓଆଇସି ଜ୍ୟୋର୍ତିମୟୀ ଦାସଙ୍କ ନେତୃତ୍ୱରେ ଅଭିରାମ ସାହୁ,ସୁଧାଂଶୁ କୁମାର ବେହେରା, ଜିତେନ୍ଦ୍ର ବଳବନ୍ତରାୟ, ମନ୍ମଥ ସିଂ ,ଆଶିଷ କୁମାର ପ୍ରଧାନ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

# ବଜ୍ରପାତରେ ମଇଁଷି ଓ ଜଗୁଆଳ ମୃତ

ମହାକାଳପଡ଼ା ,(ସବ୍ୟୁ) :କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡବନ୍ଧ ଗ୍ରାମର ବାସୁଦେବ ଦାସ (୫୫) ବଜ୍ରପାତରେ ପ୍ରାଣ ହରାଇଥିବା ଖବର ମିଳିଛି।ବାସୁଦେବ ଦାସ କରଞ୍ଜ ପାରି ରେ ଚାନ୍ଦୁଆ ଗୋଠ ନିକଟରେ ମଇଁଷି ଚରାଉଥିବା ବେଳେ ଘଡଘଡି ବର୍ଷା ସହ ବଜ୍ରପାତ ଘଟିଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ଏକ ମଇଁଷି ବାଛୁରୀ ମଧ୍ୟ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।ସ୍ଥାନୀୟ ଲୋକଙ୍କ ସହାୟତାରେ ବାସୁଦେବଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି।କ୍ଷତିଗ୍ରସ୍ତ ପରିବାର କୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବିକରନ୍ତି ।

# ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ସତର୍କତା ଆବଶ୍ୟକ

ଯାଜପୁରସଦର,(ସବ୍ୟୁ) : ଜିଲ୍ଲାପରିବେଶ ସମିତି ପକ୍ଷରୁ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ଏହାକୁ ଉଦଘାଟିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ କହିଛନ୍ତି ଯେ ଆମେ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ସତର୍କ ନହେଲେ ଖୁବ ନିକଟରେ ଏ ଜୀବଜଗତ ଧ୍ୱଂସ ପାଇଯିବ। ରସୁଲପୁର ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀ ପ୍ରିୟଦର୍ଶନୀ ବେହେରା ମୁଖ୍ୟବକ୍ତା ରୂପେ ,ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ସଫିକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ପାଦକ ଶରତ କୁମାର ସାହୁ ଉତ୍ସବ ପାଳନ ଓ ଆଲୋଚନାଚକ୍ର ଆୟୋଜନର ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ରାଉତ ସଭା ପରିଚାଳନା କରିଥିଲେ। ଡ.ମହେଶ୍ୱର ଜେନା ସାମନ୍ତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆୟୋଜିତ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ ଛାତ୍ରୀମାନେ ଉଦ୍ବୋଧନୀ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏକ ପରିବେଶ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବା ସହିତ ବିଦ୍ୟାଳୟରେ ବୃକ୍ଷ ରୋପଣ କରାଯାଇଥିଲା। ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟକା ଠାରେ ବେଆଇନ ବାଲିଘାଟ ସିଲ୍

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀର ଭୋଟକାଠାରେ ବେଆଇନ ଭାବେ ଚାଲୁଥିବା ଏକ ବାଲିଘାଟକୁ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ପ୍ରକାଶ ଯେ ଖରସ୍ରୋତା ନଦୀର ଖଣ୍ଡିତରକୁଜିବର ନଦୀବନ୍ଧ ନିକଟସ୍ଥ ଭୋଟକା ଠାରେ ଦୀର୍ଘଦିନ ଧରି ଏକ ବେଆଇନ ବାଲିଘାଟ ଚାଲୁଥିଲା। ଦୈନିକ ୫୦ରୁ ଅଧିକ ଟ୍ରାକ୍ଟର ବେଆଇନ ଭାବେ ବାଲି ଉଠାଣ କରି ଚୋରାରେ ବିକ୍ରି କରାଯାଉଥିଲା। ଚଢ଼ା ଦାମରେ ବାଲି ବିକ୍ରି କରି ବାଲି ମାଫିଆମାନେ ବେଶ ଲାଭ କରୁଥିବା ବେଳେ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ହେଉଥିଲା। ସାଧାରଣ ଲୋକଙ୍କ ପ୍ରାକୃତିକ ସମ୍ପଦକୁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକ ଚକ୍ରାନ୍ତ କରି ବେଆଇନ ବାଲି କାରବାର କରୁଥିଲେ।ବିଶେଷ ସୂତ୍ରରୁ ଖବର ପାଇ ରସୁଲପୁର ତହସିଲଦାର ସିଦ୍ଧାର୍ଥ ଶଙ୍କର ବେହେରା, କୁଆଖିଆ ଥାନା ଆଇ.ଆଇ.ସି. ସୁଶାନ୍ତ କୁମାର ସେଠୀ ଓ ପୋଲିସ ଫୋର୍ସ ଭୋଟକାର ବେଆଇନ ବାଲିଘାଟରେ ପହଞ୍ଚି ଘାଟକୁ ସିଲ କରିବା ସହ ବାଲି ମାଫିଆଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛନ୍ତି।

# କଳିଙ୍ଗନଗରରେ ବିଶ୍ୱ ପରିବେଶ ଦିବସ ପାଳିତ



ବ୍ୟାସନଗର,(ଜିପ୍ର):ଓଡ଼ିଶା ଖଣି ନିଗମର ଫେରୋକ୍ରୋମ ପ୍ଲାଂଟରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ୟୁନିଟ ମୁଖ୍ୟ ରଶ୍ମି ରଞ୍ଜନ ପରିଡ଼ାଙ୍କ ସଂଚାଳନରେ ବୃକ୍ଷରୋପଣ ହୋଇଥିଲା। ଜଳବାୟୁ ପରିବର୍ତନର ପ୍ରଭାବରୁ ବର୍ତିବା ପାଇଁ ବୃକ୍ଷରୋପଣ କରିବାକୁ କର୍ମଚାରୀ ମାନଙ୍କୁ ୟୁନିଟ୍ ମୁଖ୍ୟ ଶ୍ରୀ ପରିଡ଼ା ଆହ୍ୱାନ ଦେଇଥିଲେ। ପରିବେଶ ପ୍ରଦୂଷଣ ଆମ ପରିବେଶ ଉପରେ କିଭଳି କୁ ପ୍ରଭାବ ବିସ୍ତାର କରୁଛି, ସେ ସମ୍ପର୍କରେ ବିଭିନ୍ନ ବକ୍ତା ଉଲ୍ଲେଖ କରିଥିଲେ। ଏହାପରେ କର୍ମଚାରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ଦାସ, ବାଇଧର ବେହେରା, ଅକ୍ଷୟ କୁମାର ଦାସ, ପ୍ରଦୀପ ପଟ୍ଟନାୟକ, ରମେଶ ଚନ୍ଦ୍ର ବାନାରା, ଅଶୋକ ମିଶ୍ର, ଅଶୋକ ଆଚାର୍ଯ୍ୟ, ସତ୍ୟନାରାୟଣ ସିନ୍ହାହା, ଜନ୍ମେଜୟ ରାଉତ, ଦିଲୁରମ୍ ବିରୁଆ, ଭାଗିରଥି ମହାନ୍ତ, ଇନ୍ଦ୍ରମଣି ସାହୁ, ବିଭିନ୍ନ ସଂସ୍ଥାର କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପରିଶେଷରେ ସେଫଟି ଅଫିସର ବିଭୁଦତ୍ତ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶ୍ରୀଚନ୍ଦନ ଦାସଙ୍କ ଆତ୍ମହତ୍ୟା ଘଟଣା

## ପରିବାରକୁ ୨୦ ଲକ୍ଷ ଅନୁକମ୍ପା ମୂଳକ ସାହାଯ୍ୟ ଦେବା ପାଇଁ କଂଗ୍ରେସର ଦାବି

କେନ୍ଦ୍ରାପଡା,(ସବ୍ୟୁ) :ଗତକାଲି ଡେରାବିଶ ବ୍ଲକର ରାଇତୁଣ୍ଡି ଗ୍ରାମର ଶ୍ରୀଚନ୍ଦନ ଦାସଙ୍କ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆତ୍ମହତ୍ୟା ଘଟଣା ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନ-ଶୃଙ୍ଖଳା ଓ ପ୍ରଶାସନିକ ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପଦାରେ ପକାଇଛି। ଏଭଳି ଘଟଣା ଆଜି ଜିଲ୍ଲାରେ ଏକ ଚିନ୍ତାଜନକ ଓ ନିତିଦିନିଆ ପରିସ୍ଥିତିରେ ପରିଣତ ହୋଇଛି। ଆଜି ଡ଼ଃ ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ନେତୃବୃନ୍ଦଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି ଯେ, ମୃତ ଶ୍ରୀଚନ୍ଦନ ଦାସଙ୍କ ପରିବାରକୁ ତୁରନ୍ତ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ। ଏହା ସହିତ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଘଟଣାରେ ପ୍ରଶାସନିକ ତଦନ୍ତ କରାଯାଇ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ସମ୍ପୂର୍ଣ୍ଣ ନିରପେକ୍ଷ, ସ୍ୱଚ୍ଛ ଓ ସଠିକ ତଦନ୍ତ କରାଯାଉ। ଜିଲ୍ଲା କଂଗ୍ରେସ ସ୍ପଷ୍ଟ ଭାବେ ଚେତାବନୀ ଦେଇଛି ଯେ, ସରକାର ଯଦି ଉପରୋକ୍ତ ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ ଆଗାମୀ ଦିନରେ ଜିଲ୍ଲା କଂଗ୍ରେସ ବୃହତ୍ତର ଗଣଆନ୍ଦୋଳନ କରିବାକୁ ପଛାଇବ ନାହିଁ। ଉକ୍ତ ଦାବିପତ୍ର ପ୍ରଦାନ କାର୍ଯ୍ୟକର୍ମ ରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲ୍ଲା ସଙ୍ଗଠନ ଉପ ସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ବରିଷ୍ଠ କଂଗ୍ରେସ ନେତା ଆକବର ଅଲ୍ଲୀ, ଫକୀର ଖଟୁଆ, ପିସିସି ମେମ୍ବର ହଳଧର ସେଠି, ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାଶ, ନଗର ସଭାପତି ଦିଲ୍ଲୀପ ପ୍ରଧାନ, ପ୍ରକାଶ ମହାନ୍ତି, ଜ୍ୟୋତି ରଞ୍ଜନ ପରିଡା, ସିତାଂଶୁ ଲେଙ୍କା, ରାଜିବ ଲୋଚନ ଦାସ, ତପନ ପାତ୍ର, ଜିଲ୍ଲା ଉପସଭାପତି ଉମେଶ ତ୍ରିପାଠୀ, ଜିଲ୍ଲା ସାଧାରଣ ସଂପାଦକ ସନ୍ତୋଷ ବେହେରା, ସର୍ବେଶ୍ୱର ସେଠି, ମାନଗୋବିନ୍ଦ ଦାସ, ଉମେଶ ପାଢ଼ୀ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଦାବିପତ୍ର ପ୍ରଦାନ କାର୍ଯ୍ୟକର୍ମରେ ଉପସ୍ଥିତ ଥିଲେ ।

# ୪ ବଖରା ପୋଡି ପାଉଁଶ

ନାଉଗାଁ ,(ସବ୍ୟୁ) :ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ନୂଆଗଡ ଗ୍ରାମରେ ଶୁକ୍ରବାର ଚୁଲିରୁ ନିଆଁ ଉଡ଼ି ଚାରି ବଖରା ଚାଳ ଘର ପୋଡି ପାଉଁଶ ହୋଇଥିବା ଜଣାଯାଇଛି। ନୂଆଗାଁ ପଞ୍ଚାୟତ ନୂଆଗଡ ଗ୍ରାମର ବିଜୟ ସାମଲ ,ତାପସ ସାମଲଙ୍କ ଘରେ ରୋଷେଇ ହେଉଥିବା ବେଳେ ଚୁଲିରୁ ନିଆଁ ଉଡ଼ି ଚାଳ ଘରେ ନିଆଁ ଲାଗିଥିଲା। ପରିବାର ଲୋକ ନିଆଁ କୁ ଆୟତ୍ତ କରିବା ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସ୍ଥାନୀୟ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଚାରି ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। । ଅଗ୍ନିକାଣ୍ଡରେ ଘରରେ ଥିବା ଧାନ, ଚାଉଳ , ଆସବାବପତ୍ର ସବୁ ପୋଡି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ନୂଆଗାଁ ପଞ୍ଚାୟତର ସରପଞ୍ଚ ଦୋଳଗୋବିନ୍ଦ ରାଉଳ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ୨ ହଜାର ଟଙ୍କା ଲେଖାଏଁ ସାହାଯ୍ୟ କରିଥିଲେ। ଖବର ପାଇ ନାଉଗାଁ ତହସିଲଦାର ଅକ୍ଷୟ ବଡୁ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ସହ ଅଗ୍ନି ବିପନ୍ନ ପରିବାର ବିଜୟ ସାମଲ ଏବଂ ତାପସ ସାମଲଙ୍କୁ ପଲିଥିନ ଯୋଗାଇ ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଦୁଇ ପରିବାରଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ପ୍ରଶାସନ ନିକଟରେ ଦାବି କରାଯାଇଛି।

# ଆଗାମୀ ଓଡ଼ିଶା ଆନୁକୂଲ୍ୟରେ ବୃକ୍ଷରୋପଣ

ରଘୁନାଥପୁର, (ସବ୍ୟୁ)ବ୍ୟାପକ ବୃକ୍ଷରୋପଣ କରି ତାହାର ସୁରକ୍ଷା ବଢାଇ ପାରିଲେ ହିଁ ପରିବେଶ ସୁରକ୍ଷା ହୋଇ ପାରିବ ବୋଲି ପରିବେଶ ଦିବସ ଉପଲକ୍ଷେ ଆଗାମୀ ଓଡିଶା ଓ ରଘୁନାଥପୁର ବ୍ଲକ ଉନ୍ନୟନ କମିଟିର ମିଳିତ ଆନୁକୂଲ୍ୟରେ ରଘୁନାଥପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଗାମୀ ଓଡିଶା ପ୍ରତିଷ୍ଠାତା ତଥା ପରିବେଶବିତ୍ ବିଜୟ କୁମାର ସ୍ୱାଇଁ ଯୋଗ ଦେଇ କହିଥିଲେ । ମୁଖ୍ୟବକ୍ତାଭାବେ ପୂର୍ଣ୍ଣ ଚନ୍ଦ୍ର ବିଦ୍ୟା ମନ୍ଦିର ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ନିକୁଞ୍ଜ କିଶୋର ଦାଶ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ଆଗେଇ ଆସି ନିଜ ବାଡି ବଗିଚାରେ, ମନ୍ଦିର, ବିଦ୍ୟାଳୟ ରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ପ୍ରଫେସର ଶରତ କୁମାର ରାଉତରାୟ ପୌରୋହିତ୍ୟ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଲିକୁଦା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବାରିକ, ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ସମାଜସେବୀ ଅଶୋକ କୁମାର ଦାସ, ଅଧ୍ୟାପକ ଆଶିଷ କୁମାର ଚକ୍ରବର୍ତ୍ତୀ, ଶିକ୍ଷାବିତ୍ ବାବାଜୀ ଚରଣ ସାହୁ, ପ୍ରଣତି ଲତା ଦାଶ,ସୁରେଶ ଚନ୍ଦ୍ର ରାଉତ, ସଦାଶିବ ବିଶାଳ, ପୂର୍ଣ୍ଣିମା ମିଶ୍ର ପ୍ରମୁଖ ଯୋଗ ଦେଇ ପରିବେଶ ସୁରକ୍ଷା ନିମନ୍ତେ ସମସ୍ତେ ଇଲେକ୍ଟ୍ରିକଗାଡି ବ୍ୟବହାର କରିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ ।ଶେଷରେ ସାମ୍ବାଦିକ ପ୍ରଦୀପ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।ପ୍ରାରମ୍ଭରେ ଅତିଥିମାନଙ୍କ ଦାରା ବ୍ୟାପକ ବୃକ୍ଷରୋପଣ କରା ଯାଇଥିଲା ।

# ସଂଗ୍ରାମପୁର ପଞ୍ଚାୟତ ଭତ୍ତା କେଳେଙ୍କାରୀ, ୩ ସସ୍‌ପେଣ୍ଡ

ପାରାଦୀପ,( ଜି ପ୍ର ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ପଂଚାୟତ ଭତ୍ତା କେଳେଙ୍କାରୀ ଘଟଣାରେ ଜଗତସିଂହପୁର ଜିଲ୍ଲାପାଳ ଆଜି ୩ ଜଣଙ୍କୁ ସସପେଣ୍ଡ କରିଛନ୍ତି । ସେମାନେ ହେଲେ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସର୍ବେଶ୍ୱର ଦାସ , ଏଡିଇଓ ପରମିତା ବାରିକ ଓ ପୂର୍ବତନ ଜିଆରଏସ ସୋମନା ରାଉତ । ଏହି ପଂଚାୟତରେ ମଧୁବାବୁ ପେନସନ ଯୋଜନାରେ ୮୦୫ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୨୬୮ ଜଣ ଭତ୍ତା ହିତାଧିକାରୀ ଅଛନ୍ତି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ପଂଚାୟତରେ ୮ଜଣ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠା ଯାଇଥିଲା । ଏହି ପଂଚାୟତର କୁମ୍ଭାରୀ ଗ୍ରାମର ବେଙ୍ଗ ଦେଇ ୨୦୨୫ ମାସିଆ ଡିସେମ୍ବର ମାସ ୩ତାରିଖରୁ ସେ ମୃତ୍ୟୁ ବରଣ କରିଛନ୍ତି , ହେଲେ ତାଙ୍କ ନାମରେ ଉଠି ଚାଲିଥିଲା ୩୫୦୦ଟଙ୍କା ଭତ୍ତା । କେବଳ ତାଙ୍କ ନାମରେ ନୁହଁ ସେହି ଗ୍ରାମର ବାବାଜୀ ସାହୁ ୨୦୦୨୫ ମସିହା ନଭେମ୍ବର ୨୫ ତାରିଖରୁ ସେ ମୃତ୍ୟୁ ବରଣ କରିଛନ୍ତି ତାଙ୍କ ନାମରେ ମଧ ଭତ୍ତା ଉଠା ଯାଇଥିଲା । ସେହି ପଂଚାୟତ ଆଙ୍କୁଅ ଗ୍ରାମର ପୂର୍ଣ୍ଣମା ଦାସ ୨୦୨୪ ମସିହା ନଭେମ୍ବର ୨୦ ତାରିଖରୁ ମୃତ୍ୟୁ ବରଣ କରିଛନ୍ତି ତାଙ୍କ ନାମରେ ମଧ ଉଠୁଛି ଭତ୍ତା ଟଙ୍କା । ସେହି ଗ୍ରାମର ରବି ଦାସ ୨୦୨୫ ମସିହା ଜାନୁଆରୀ ୨୦ ତାରିଖରୁ ମୃତ୍ୟୁ ବରଣ କରିଥିଲେ ସୁଦ୍ଧା ତାଙ୍କ ନାମରେ ଉଠା ଯାଉଛି ଭତ୍ତା । ସେହି ଗ୍ରାମର ବଳରାମ ଦାସ ୨୦୨୪ ମସିହା ଅଗଷ୍ଟ ୨୪ ତାରିଖରୁ ମୃତ୍ୟୁ ବରଣ କରିଥିଲେ ସୁଦ୍ଧା ତାଙ୍କ ନାମରେ ମଧ ଭତ୍ତା ତାଙ୍କ ଉଠା ଯାଇଥିଲା । ସେହି ଗ୍ରାମର ଫକୀର ମୋହନ ପରିଡା ୨୦୨୫ ମସିହା ୧୭ ସେପ୍ଟେମ୍ବରରୁ ମୃତ୍ୟୁ ବରଣ କରିଛନ୍ତି ତାଙ୍କ ନାମରେ ମଧ ଭତ୍ତା ଟଙ୍କା ଉଠାଯାଇଛି । ବୁଦ୍ଧିସାହିର ରାଧେଶ୍ୟାମ ସ୍ୱାଇଁ , ୨୦୨୧ ମାର୍ଚ୍ଚ ୨୭ ତାରିଖରୁ ସେ ମୃତ୍ୟୁ ବରଣ କରିଛନ୍ତି ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇଛି ସାଳଜଙ୍ଗା ଡିଅସହି ଗ୍ରାମର ମୁରଲୀଧର ଭୋଇ ୨୦୧୬ ମସିହା ଫେବୃଆରି ୧୩ ତାରିଖରୁ ମୃତ୍ୟୁ ବରଣ କରିଥିଲେ ମଧ ଟଙ୍କା ନାମରେ ଭତ୍ତା ଟଙ୍କା ଉଠା ଯାଇଛି ମୋଟ ୮ଜଣଙ୍କ ନାମରେ ୨ଲକ୍ଷ ୩୮ହଜାର ଟଙ୍କା ଉଠା ଯାଇଛି । ଏହି ଖବର ପ୍ରଘଟ ପରେ କିଛି ମୃତକଙ୍କ ପରିବାର ବାଲିକୁଦା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ ପୋଲିଶ ଅଭିଯୋଗକୁ ଭିତି କରି ଏକ ଷ୍ଟେସନ ଡ଼ାଇରୀ କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ କଥା ହେଉଛି , ଗରିବ ଅସହାୟ ଲୋକଙ୍କ ନିମନ୍ତେ ସରକାର ବିଭିନ୍ନ ଯୋଜନାରେ ସହାୟତା ରାଶି ପ୍ରଦାନ କରୁଥିବା ବେଳେ କିଭଳି ସରକାରୀ କର୍ମଚାରୀ ଏହିଭଳି ସାହସ ଯୁଟାଇ ମୃତ ବ୍ୟକ୍ତିଙ୍କ ନାମରେ ଅର୍ଥ ହଡପ କରୁଛନ୍ତି ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୧୫ ଦିନ କାଳ ତଦନ୍ତ କରାଯାଇ ଜିଲ୍ଲପାଳଙ୍କୁ ରିପୋର୍ଟ ଦେବାପରେ ଜିଲ୍ଲାପାଳ ଏହି ତିନିଜଣଙ୍କୁ ସସ୍ପେଣ୍ଡ କରିଛନ୍ତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ଦେଶ ସଂଖ୍ୟା ୫୦୨ ତାରିଖ ୦୫/୦୬/ ୨୦୨୬ରେ ସର୍ବେଶ୍ୱେର ଦାସଙ୍କୁ ସସ୍ପେଣ୍ଡ ଅର୍ଡ଼ର ହୋଇଥିବା ବେଳେ ସେ ଏହି ସମୟରେ ବାଲିକୁଦା ବିଡ଼ିଓଙ୍କ କାର୍ଯ୍ୟାଳୟରେ ରହିବେ ଓ ଏଡିଇଓ ପରମିତା ବାରିକଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ସଂଖ୍ୟା ୫୦୬ ତାରିଖ ୦୫/୦୬/ ୨୦୨୬ରେ ସସ୍ପେଣ୍ଡ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ତାଙ୍କୁ ଏହି ସମୟ ମଧ୍ୟରେ ମଧ ବାଲିକୁଦା ବିଡ଼ିଓଙ୍କ କାର୍ଯ୍ୟାଳୟରେ ଓ ତତ୍କାଳୀନ ପୂର୍ବତନ ଜିଆରଏସ ତଥା ବର୍ତ୍ତମାନ ଜଗତସିଂହପୁର ବ୍ଲକ ଶାଳଜଙ୍ଗ ପଂଚାୟତ ଏଡିଇଓ ସୋମନା ରାଉତଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ଦେଶ ସଂଖ୍ୟା ୫୧୦ ତାରିଖ ୦୫/୦୬/୨୦୨୬ରେ ନିର୍ଦେଶ ଦିଆଯାଇଥିବା ବେଳେ ତାଙ୍କୁ ଏହି ସମୟ ମଧ୍ୟରେ ଜଗତସିଂହପୁର ବିଡ଼ିଓଙ୍କ କାର୍ଯ୍ୟାଳୟରେ ରହିବାକୁ ନିର୍ଦେଶରେ ଉଲ୍ଲେଖ କରାଯାଇଛି ।ଏହି ଭତ୍ତା ଟଙ୍କା ହଡପ ହୋଇଥିବା ଜଣାପଡିବା ପରେ ଅତି ଚତୁରତାର ସହ ତାକୁ ସରକାରୀ ଜମାଖାତାରେ ମଧ ସେହି ସମୟରେ ଡିପୋଜିଟ କରାଯାଇଥିଲା । କିନ୍ତୁ ଏହା କିଏ ଡିପୋଜିଟ କଲା ତାହା ଆଜିପର୍ଯ୍ୟନ୍ତ ଲୋକଲୋଚନକୁ ଆସିନାହିଁ ।କେବଳ ସସ୍ପେଣ୍ଡ ନୁହଁ ଏମାନଙ୍କ ବିରୋଧରେ ଆହୁରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉ ।

# ଟାଟା ଷ୍ଟିଲ ଓ ଏନଆଇଏନଏଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ବ୍ୟାସନଗର,(ଜିପ୍ର):ଟାଟା ଷ୍ଟିଲ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟିଏସ୍‌କେ ପକ୍ଷରୁ ପ୍ଲାଂଟ ପରିସରରେ ୨୨୦୦ରୁ ଅଧିକ ଚାରାରୋପଣ କରାଯାଇଛି। ଏହାବ୍ୟତୀତ କାରଖାନା ପରିସରରେ ପ୍ଲାଷ୍ଟିକ୍ ଆବର୍ଜନା ସଫେଇ ଅଭିଯାନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଟ୍ରେନିଂ ସେଂଟର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଏସ୍‌କେର ମେକାନିକାଲ ମେଂଟେନାନ୍ସ ଚିଫ୍ ଶଙ୍କର ବିଶ୍ୱାସଅତିଥି ଭାବେ ଯୋଗଦେଇଥିବାବେଳେ ଇଲେକ୍ଟ୍ରିକାଲ ମେଂଟେନାନ୍ସ ଚିଫ୍ ପଙ୍କଜ ଏଚ୍. ଭୁରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ କାରଖାନା ପରିସରସ୍ଥ ଟ୍ରାନ୍ସପୋର୍ଟ ପାର୍କ ନିକଟରେ କର୍ମଚାରୀ ଓ ଠିକା କର୍ମଚାରୀମାନଙ୍କ ଦ୍ୱାରା ୧୧୦୦ ଚାରାରୋପଣ କରାଯାଇଥିଲା। ସେହିପରି ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଗୋବରଘାଟି ଫେଜ୍-୧ର ଛାତ୍ରଛାତ୍ରୀମାନଙ୍କ ପାଇଁ କମ୍ୟୁନିଟି ସେଂଟରଠାରେ ସଚେତନତା କାର୍ଯ୍ୟକ୍ରମ, କୁଇଜ୍ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ସେଠାରେ ପୁରସ୍କୃତ କରାଯାଇଥିବାବେଳେ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ଲଟ୍-୨ ଅଡିଟୋରିୟମରେ ଆୟୋଜିତ ମେଗା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା।



## କାଳବୈଶାଖୀର ତାଣ୍ଡବ ଲୀଳା:ବ୍ୟାପକ କ୍ଷୟକ୍ଷତି

# ଗଛ ପଡି ରାସ୍ତା ଅବରୋଧ,ବୃଦ୍ଧା ଗୁରୁତର



ଗଣିଆ,(ସବ୍ୟୁ): ଶନିବାର ଅପରାହ୍ନରେ କାଳବୈଶାଖିର ପ୍ରଭାବରେ ଗଣିଆ ଅଂଚଳର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ରାସଙ୍ଗ ପଞ୍ଚାୟତ କାଦୁଆ ଗ୍ରାମର ସୁଲୋଚନା ନାୟକ(୫୫) କାଳବୈଶାଖୀ ସମୟରେ ଆମ୍ବ ଗୋଟାଉଥିବା ବେଳେ ଆମ୍ବ ଡାଳ ଭାଙ୍ଗି ତାଙ୍କ ଉପରେ ପଡ଼ିବାରୁ ତାଙ୍କର ଡାହାଣ ଗୋଡ଼ ଭାଙ୍ଗି ଯିବା ସହ ଛାତି, ଅଂଟା ଓ ଡାହାଣ କାନ୍ଧରେ ଗଭୀର ଆଘାତ ହୋଇଛି । ଗଣିଆ ଠାରୁ ଡଙ୍କାରିସାହି ପର୍ଯ୍ୟନ୍ତ ରାସ୍ତା ଉପରେ ଶହ ଶହ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇ ପଡ଼ିଥିବାରୁ ଆମ୍ବୁଲାନ୍ସ ଆସି ପାରି ନଥିଲା । ଫଳରେ ପରିବାର ଲୋକେ ଏକ ଖଟିଆ ସାହାଯ୍ୟରେ ଚାଲି ଚାଲି ୪କି.ମି ଆସିବା ପରେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ନେତୃତ୍ୱରେ ଦଶିପୁର କଟାଚଣ୍ଡି ମନ୍ଦିର ନିକଟରୁ ପୋଲିସ ଭ୍ୟାନରେ ଗୁରୁତର ବୃଦ୍ଧାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ସଙ୍ଗେ ସଙ୍ଗେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ । କାଳବୈଶାଖୀ ପ୍ରଭାବରେ ବହୁ ଜୋରରେ ପବନ ବହିବାରୁ ବେଲପ ଓ ରାସଙ୍ଗ ପଞ୍ଚାୟତର ବିଜୟନଗର, ସୁବର୍ଣ୍ଣପୁର, ଦଶିପୁର, ରାସଙ୍ଗ, କାଦୁଆ ସମେତ ୧୫ରୁ ଉର୍ଦ୍ଧ୍ୱ ଗ୍ରାମରେ ବ୍ୟପକ କ୍ଷୟକ୍ଷତି ଘଟିଥିବାବେଳେ ରାଉତପ ଗ୍ରାମର କାର୍ତ୍ତିକ ସାହୁଙ୍କ ତିନି ଚକିଆ ଗାଡ଼ି ଗଛ ପଡ଼ି ସଂପୁର୍ଣ୍ଣ ନଷ୍ଟ ହୋଇଯାଇଛି । ସେହିପରି ସେହିଗ୍ରାମର କମଳ ବେହେରା, ଶକ୍ତିକାନ୍ତ ସାହୁ, ଦଶିପୁରର ନରେଶ କୁମାର ଦାଶଙ୍କ ୨ବଖରା ଲେଖାଏଁ ଘରର ଆଜବେଷ୍ଟସ ଉଡ଼ାଇ ନେଇ ବ୍ୟାପକ କ୍ଷତି ଘଟିଛି । କେନ୍ଦୁପଲ୍ଲୀ ଗ୍ରାମର ରାଜ କିଶୋର ସାହୁ, ଭରତ ବେହେରା ଓ ଶରତ ବେହେରାଙ୍କ ଟିଣ ଛପର ଉଡ଼ାଇ ନେଇଛି । କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ଶାଗୁଆନ ଗଛ ଭାଙ୍ଗି ବିଦ୍ୟୁତ ଖୁଂଟ ଭାଙ୍ଗି ଯାଇଛି । ବିଭିନ୍ନ ଯାଗାରେ ବିଭିନ୍ନ ପ୍ରକାର ବନବଡ଼ ଗଛ ଭାଙ୍ଗି ରାସ୍ତା ଆବରୋଧ ହୋଇ ପ । ଏଥି ସହିତ ବିଭିନ୍ନ ଯାଗାରେ ବିଦ୍ୟୁତ ଖୁଂଟ ଉପୁଡ଼ି ସହିତ ବିଦ୍ୟୁତ ତାର ଛିଣ୍ଡି ରାସ୍ତା ଉପରେ ପଡ଼ିଛି । ଗଣିଆ ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରି ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅଗ୍ନିଶମ କର୍ମଚାରୀମାନେ କାଳ ବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଭାଙ୍ଗିଥିବା ଗଛକୁ କାଟି ରାସ୍ତା ସଫା କରିଥିଲେ । ଖବରଲେଖା ହେବା ବେଳେକୁ ବିଦ୍ୟୁତ ବିଭାଗର କର୍ମଚାରୀମାନେ ତୁରନ୍ତ ବିଦ୍ୟୁତ ସଂଯୋଗ ପାଇଁ ଚେଷ୍ଟା ଜାରି ରଖିଛନ୍ତି ।

## ଜବରଦଖଲ ଉଚ୍ଛେଦ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ସେବା ସମବାୟ ସମିତି ଗୋଦାମ ନିର୍ମାଣ ନିମନ୍ତେ ଗ୍ରାମ୍ୟ ନିର୍ମାଣ ଅନୁଖଣ୍ଡ କାର୍ଯ୍ୟାଳୟ, ସାକ୍ଷୀଗୋପାଳ ନିକଟରେ ଆଜି ସତ୍ୟବାଦୀ ତହସିଲ ତରଫରୁ ୪୦ ଡେସିମିଲ ଜମି ସେବା ସମବାୟ ସମିତି କାର୍ଯ୍ୟାଳୟକୁ ହସ୍ତାନ୍ତର କରା ଯାଇଅଛି । ଏହି ସରକାରୀ ଭୂ ସମ୍ପତ୍ତି ଉପରେ ରହିଥିବା ଜବର ଦଖଲ ଆଜି ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଥିଲା । ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସତ୍ୟବାଦୀ ଥାନା ଆଇ ଆଇ ସି ସୌମ୍ୟରଞ୍ଜନ ମହାଳିକ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ଆମ ଗାଁ ଆମ ତହସିଲ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ତହସିଲ ଅନ୍ତର୍ଗତ ବୀର ରାମଚନ୍ଦ୍ର ପୁର ମୌଜାର ତାଳପଡ଼ା ରାଜସ୍ୱ ଗ୍ରାମରେ ଆସନ୍ତା କାଲି ଅର୍ଥାତ ୬ ତାରିଖରେ ଆମ ଗାଁ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ଜମିଜମା ସମସ୍ୟାର ସମାଧାନ କରାଯିବ ବୋଲି ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଆଜି ସୂଚନା ପ୍ରଦାନ କରିଥିଲେ ।

# ଭିଜିଲାନ୍ସ ହାତରେ ବିଦ୍ୟୁତ ବିଭାଗ ଲାଇନ୍ସମ୍ୟାନ



ନରସିଂହପୁର, (ସବ୍ୟୁ): କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ପାର୍ବତୀପୁର ଗ୍ରାମର ଜୈନିକ ଚାଷୀଙ୍କଠାରୁ ଏକ ଭାଙ୍ଗି ଯାଇଥିବା ବିଦ୍ୟୁତ ଖୁଣ୍ଟ ବଦଳାଇବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଅଧିକାରୀମାନେ ଶନିବାର ଦିନ ଟିପିସିଓଡ଼ିଏଲ ବିଭାଗର ଲାଇନ୍ସମ୍ୟାନଙ୍କୁ ଗିରଫ କରିଛନ୍ତି। ନରସିଂହପୁର ବୈଦ୍ୟୁତିକ ସେକ୍ସନର ଲାଇନ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିବା ଧର୍ମ ନିରଞ୍ଜନ ଚୌଧୁରୀ ପାର୍ବତୀପୁର ଗ୍ରାମର ମାନସ ଦଶଙ୍କ ଜମିରେ ଏକ ବିଦ୍ୟୁତ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା।ଏହି ବିଦ୍ୟୁତ ଖୁଣ୍ଟକୁ ବଦଳାଇବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ବିଦ୍ୟୁତ ଖୁଣ୍ଟ ବଦଳାଇବା ପାଇଁ ଲାଇନମ୍ୟାନ ଶ୍ରୀ ଚୌଧୁରୀ ୨୫ହଜାର ଟଙ୍କା ଦେଲେ ଖୁଣ୍ଟ ପରିବର୍ତ୍ତନ ହେବାପାଇଁ କହି ଗତ ୨ ତାରିଖରେ ୟୁପିଆଇ ମାଧ୍ୟମରେ ୮ହଜାର ଟଙ୍କା ନେଇଥିଲେ।ଶ୍ରୀ ଚୌଧୁରୀ କ୍ଷତିଗ୍ରସ୍ତ ବିଦ୍ୟୁତ ଖୁଣ୍ଟକୁ ବଦଳାଇ ନୂତନ ବିଦ୍ୟୁତ ଖୁଣ୍ଟ ଲଗାଇଥିଲେ।ତେବେ ଜମି ମଲିକଙ୍କ ସହିତ ହୋଇଥିବା କଥା ମୁତାବକ ୨୫ହଜାର ଟଙ୍କା ପାଇବାକଥା।ବାକି ୧୭ହଜାର ଟଙ୍କା ଦାବି ଚୌଧୁରୀ ଦାବି କରିଥିଲେ।ଏହି ଘଟଣାକରେ କ୍ଷୁବ୍ଧ ହୋଇ ଜମି ମଲିକ ଲାଇନ୍ସ ମ୍ୟାନଙ୍କ ବିରୋଧରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଦ୍ୱାରସ୍ଥ ହୋଇଥିଲେ।ଏହା ପରେ ଓଡ଼ିଶା ଭିଜିଲାନ୍ସର ଦଳର କହିବା ଅନୁସାରେ କେମିକାଲ ବୋଳା ୧୫ହଜାର ଟଙ୍କା ଶ୍ରୀ ମାନସଙ୍କଠାରୁ ଚୌଧୁରୀ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ଚୌଧୁରୀଙ୍କ କବଜାରୁ ସମ୍ପୂର୍ଣ୍ଣ ଲାଞ୍ଚ ବାବଦରେ କେମିକାଲ ବୋଳା ରାଶି ଉଦ୍ଧାର କରାଯାଇ ଜବତ କରାଯାଇଛି। ଏହାପରେ ଏହି ଘଟଣାକୁ ନେଇ ମାମଲା ରୁଜୁ ହେବା ସହ ତାଙ୍କ ପାଖରେ ଆୟ ବର୍ହିଭୁତ ସମ୍ପତ୍ତି ସନ୍ଦେହରେ ତଦନ୍ତ ଜାରି ରହିଛି।ଏହାପରେ ଶ୍ରୀ ଚୌଧୁରୀଙ୍କୁ ଗିରଫ କରି ଭିଜିଲାନ୍ସ ଦଳ କଟକ ନେଇ ଯାଇଛନ୍ତି।

# ସବୁଜ ପୃଥିବୀ ଗଠନରେ ଯୁବପିଢ଼ିର ଶପଥ

ଫୁଲନଖରା ,(ସବ୍ୟୁ): :ବିଶ୍ୱ ପରିବେଶ ଦିବସ ଅବସରରେ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଏକ



ଅଭିନବ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା ଛାତ୍ରଛାତ୍ରୀଙ୍କ ଦ୍ୱାରା ପୁରୁଣା ଟାୟାର, ପ୍ଲାଷ୍ଟିକ ବୋତଲ ଏବଂ ଭଙ୍ଗା ବାଲଟି ପରି ଅବ୍ୟବହୃତ ବସ୍ତୁକୁ ପୁନଃ ବ୍ୟବହାରଯୋଗ୍ୟ କରି ସେଥିରେ ଚାରା ରୋପଣ କରାଯିବା। ଏହା ମାଧ୍ୟମରେ ବର୍ଜ୍ୟରୁ ସୃଜନ ଏବଂ ପୁନଃବ୍ୟବହାର ହିଁ ପରିବେଶ ସୁରକ୍ଷାର ମୂଳମନ୍ତ୍ର ବୋଲି ଏକ ସକାରାତ୍ମକ ବାର୍ତ୍ତା ସମାଜକୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ଼. ବଙ୍କିମ ମହାନ୍ତି ଏବଂ ଟ୍ରଷ୍ଟି ଶ୍ରୀ ସନ୍ତୋଷ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ପ୍ରଫେସର ଦୀପନ କୁମାର ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଅଶୋକ ମିଶ୍ର ଏହାର ପରିଚାଳନା କରିଥିଲେ। ସଞ୍ଜିବ ମିଶ୍ର, ଅଶୋକ ନାୟକ, ମିହିର ମିଶ୍ର, ଗଣେଶ, ପ୍ରକାଶ, ମହେଶ୍ୱର ଓ ଶଙ୍କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।ପରିବେଶ ସଚେତନତାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପହଞ୍ଚାଇବା ସହ ସବୁଜ ଭବିଷ୍ୟତ ଗଠନ ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# କଗ୍ନିଜାଣ୍ଟ ପକ୍ଷରୁ ଏସ ଟିମ ପ୍ରୋଗ୍ରାମର ଶୁଭାରମ୍ଭ

ଭୁବନେଶ୍ୱର(ସବ୍ୟୁ): କଗ୍ନିଜାଣ୍ଟ ପକ୍ଷରୁ ଆଜି କଗ୍ନିଜାଣ୍ଟଏସ୍ ଟିମ୍ ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି । ଏହା ହେଉଛି ଏକ ରଣନୈତିକ ପଦକ୍ଷେପ ଯାହାକୁ ଶୀର୍ଷ ଇଞ୍ଜିନିୟରିଂ ପ୍ରତିଭାମାନଙ୍କର ଏକ ଦଳ ଗଠନ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଗ୍ରାହକଙ୍କର ଏକ ଅତ୍ୟାଧୁନିକ ଡିଜିଟାଲ ରୂପାନ୍ତରଣ ପ୍ରଦାନ କରିବ ଏବଂ ଏକ ଏଆଇ ବିଲ୍ଡର ସଂସ୍ଥା ଭାବେ କମ୍ପାନୀର ବିବର୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବ । କଗ୍ନିଜାଣ୍ଟ ଏସ୍ ଟିମକୁ ଏକ ସିଲେକ୍ଟିଭ ହାୟାରିଂ ପ୍ରୋଗ୍ରାମ, ଏକ ଉଚ୍ଚ ପ୍ରତିଭା ମାର୍ଗ ଏବଂ କଗ୍ନିଜାଣ୍ଟର ଆଧୁନିକ କ୍ଷମତା ରଣନୀତି ସହ ଜଡିତ ଏକ ଇଞ୍ଜିନିୟରିଂ କମ୍ୟୁନିଟିର ଏକ ମିଶ୍ରଣ ଭାବେ ଗଠନ କରାଯାଇଛି । ଏହି ପ୍ରୋଗ୍ରାମକୁ ଅତ୍ୟଧିକ ଦକ୍ଷ ଇଞ୍ଜିନିୟରମାନଙ୍କର ଏକ ସମୁଦାୟ ନିର୍ମାଣ କରିବା ପାଇଁ ଡିଜାଇନ କରାଯାଇଛି ଯିଏ ଏଆଇ-ନାଟିଭ ଟୁଲ, ମଡର୍ଣ୍ଣ ଆର୍କିଟେକ୍ଟର ଓ ଫଳାଫଳ-ପରିଚାଳିତ ପଦ୍ଧତିର ବ୍ୟବହାର କରି ପ୍ରକୃତ ଗ୍ରାହକ ସମସ୍ୟା ଉପରେ କାର୍ଯ୍ୟ କରିବେ । ଏସମ୍ପର୍କରେ ଗ୍ଲୋବାଲ ଅପରେଶନ୍ସ ବିଭାଗର ଅଧକ୍ଷ ଏବଂ କଗ୍ନିଜାଣ୍ଟ ଇଣ୍ଡିଆର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରାଜେଶ ଭାରିଅର କହିଛନ୍ତି, କଗ୍ନିଜାଣ୍ଟ ଏସ ଟିମ ପ୍ରୋଗ୍ରାମର ଲଞ୍ଚ, ଆମର ଇଞ୍ଜିନିୟରିଂ ଗଭୀରତାକୁ ସୁଦୃଢ଼ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରୁଛି ।

# ବାପ ପୁଅଙ୍କ ଆତ୍ମହତ୍ୟା, ଗୋଟିଏ ଜୁଇରେ ଶବ ସତ୍କାର

ବାଲୁଗାଁ ,(ସବ୍ୟୁ): ଅତ୍ୟଧିକ ଧାର କରଜକୁ କେନ୍ଦ୍ର କରି ବିଦେଶ ଫେରନ୍ତା ପୁଅ ଓ ବାପ ମଧ୍ୟରେ ଝଗଡା ଲାଗିବା ପରେ ମାନସିକ ଭାରସାମ୍ୟ ହରାଇ ଗୋଟିଏ ପଟେ ପୁଅ ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ପଟେ ବାପା ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଣପୁର ଥାନା ଅଧିନ କେଶପୁର ଗ୍ରାମରେ । ଏହି ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି । ମୃତକ ହେଲେ ବାପା ନବଘନ ପ୍ରଧାନ (୭୪) ଏବଂ ପୁଅ ତୋଫାନ ପ୍ରଧାନ (୨୮) । ବାଣପୁର ଥାନା ଅଧିନ କେଶପୁର ଗ୍ରାମର ନବଘନ ବିଭିନ୍ନ କାରଣ ନେଇ ଧାର କରଜରେ ବୁଡି ରହିଥିବା ବେଳେ ପୁଅ ତୋଫାନ ବିଦେଶରେ ରହି ଟଙ୍କା ପଠାଉଥିଲେ । ଏପରି ସ୍ଥଳେ ନିଜ ବିବାହିତ ଝିଅର କୌଣସି ଆବଶ୍ୟକତା ପୂରଣ ପାଇଁ ବାପ ନବଘନ ତାଙ୍କୁ ୫ ଲକ୍ଷ ଟଙ୍କା ଅର୍ଥ ସହାୟତା କରିଥିଲେ । ତୋଫାନ ଦଶ ଦିନ ପୂର୍ବେ ବିଦେଶରୁ ଘରକୁ ଫେରିବା ପରେ ଲୋକେ କରଜ ଅର୍ଥ ତାଙ୍କୁ ମାଗିଥିଲେ । କିନ୍ତୁ ରୋଜଗାର ଅର୍ଥ ବିଦେଶରୁ ପଠାଇ ମଧ କରଜ କଣ ପାଇଁ ସୁଝି ପାରିନାହିଁ ବୋଲି ଶୁକ୍ରବାର ସନ୍ଧ୍ୟାରେ ଉଭୟ ବାପ ପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ।ଏହା ପରେ ନବଘନ ରାଗିଯାଇ ଆଉ ଘରକୁ ଫେରିବି ନାହିଁ ବୋଲି କହି ବିଳମ୍ବିତ ରାତ୍ରିରେ ସାଇକେଲ ଧରି ଘରୁ ବାହାରି ଯାଇଥିଲେ । ଏହାର କିଛି ସମୟ ପରେ ପୁଅ ତୋଫାନ ମାନସିକ ଭାରସାମ୍ୟ ହରାଇ ବିଷ ଖାଇ ଦେଇଥିଲେ ।ସଙ୍ଗେ ସଙ୍ଗେ ତାଙ୍କୁ ବାଣପୁର ଡାକ୍ତରଖାନା ନିଆଯାଇଥିଲା ଏବଂ ସେଠାରୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।ଏପଟେ ବାପାଙ୍କୁ ଖୋଜାଖୋଜି କରାଯିବାରେ ଭୋରୁ ବାଲୁଗାଁ ରେଳ ଷ୍ଟେସନର ଦକ୍ଷିଣ କ୍ୟାବିନ ନିକଟରେ ରେଳ ଧାରଣାରୁ ତାଙ୍କ ମୃତଦେହକୁ ଠାବ କରାଯାଇଥିଲା । ରେଲୱେ ଜି ଆର ପି ଅଧିକାରୀ ଦିଲ୍ଲୀପ ସାହୁ ପହଞ୍ଚି ଶବ ଜବତ କରି ଏ ସଂକ୍ରାନ୍ତରେ ୩୫/୨୬ ରେ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରଥିଲା । ଉଭୟ ବାପା ଓ ପୁଅଙ୍କ ମୃତ ଦେହକୁ ଗୋଟିଏ ଜୁଇରେ ବନ୍ଧୁବାନ୍ଧବ ଓ ଗ୍ରାମବାସୀ ସଂସ୍କାର କରିଛନ୍ତି ।

# ଧବଳେଶ୍ୱରଙ୍କ ଜବରଦଖଲ ଜମି ଉଚ୍ଛେଦ

ଆଠଗଡ , (ସବ୍ୟୁ) :ଦୀର୍ଘ ଦିନ ପରେ ଆଠଗଡ଼ ପ୍ରଶାସନ ଆସ୍କନ ମୁଡରେ। ଜବରଦଖଲ କୁ ଭାଙ୍ଗିଲା ପ୍ରଶାସନ। ଆଠଗଡ ଦେବୋତ୍ତର ବିଭାଗ ଅଧୀନରେ ଥିବା ବହୁ ଜମିବାଡ଼ି ଲୋକଙ୍କ କବ୍ଜାରେ ରହିଛି। ଏଥିପ୍ରତି ପ୍ରଶାସନର ନଜର ପଡୁନାହିଁ।ଏଥି ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ଫଳ ଶୂନ। ଏପରି ସ୍ଥିତିରେ କଟକ ଜିଲ୍ଲା ଆଠଗଡ଼ ବ୍ଲକ ଅନ୍ତର୍ଗତ ମଞ୍ଜେଶ୍ୱର ପଞ୍ଚାୟତ ବାବା ଧବଳେଶ୍ୱରଙ୍କ ଜାଗାକୁ ମଧ କିଛି ମୁଷ୍ଟିମେୟ ଲୋକ ଜବର ଦଖଲ କରିଥିଲେ। ଏହି ଖବର ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ଶନିବାରଦିନ ଉଚ୍ଛେଦ ହୋଇଥିଲା। ଧବଳେଶରଙ୍କ ଜମି ଗତ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଓ ବିଲଡର ମାନଙ୍କ ଦ୍ୱାରା ଜବର ଦଖଲ କରିଥିଲେ । ଅଭିଯୋଗ ପରେ ଆଠଗଡ଼ ପ୍ରଶାସନ ପକ୍ଷରୁ ଶନିବାର ଦିନ ଜବର ଦଖଲ ଉଚ୍ଛେଦ କରାଯାଇଥିବା ଜଣାପଡିଛି ।ରାଜ୍ୟର ପ୍ରସିଦ୍ଧ ତଥା ଆଠଗଡ଼ ର ଆରାଧ ଶ୍ରୀ ଶ୍ରୀ ଧବଳେଶରଙ୍କ ଅନେକ ଭୂସଂପତ୍ତି ଦୀର୍ଘ ଦିନ ଧରି ଜବର ଦଖଲ କାରୀଙ୍କ କବ୍ଜାରେ ରହିଥିବା ଅଭିଯୋଗ ହୋଇ ଆସୁଛି । ମଞ୍ଜେଶ୍ୱର ପଞ୍ଚାୟତ ଅଧିନସ୍ଥ ପାଇକେରା ପୁରରେ ପ୍ରାୟ ୯ ଏକରରୁ ଉର୍ଦ୍ଧ୍ୱ ଜମି କିଛି ନ୍ୟସ୍ତ ସସ୍ୱାର୍ଥ ବ୍ୟକ୍ତି ଓ ବିଲଡର ସଂସ୍ଥା ଦ୍ୱାରା ଜବର ଦଖଲ କରି ରଖିଥିଲେ । ଲୋକଙ୍କ ଅଭିଯୋଗ ପରେ ଏ ସଂପର୍କରେ ଦେବୋତ୍ତର ବିଭାଗ ପକ୍ଷରୁ ଆଠଗଡ ଉପ ଜିଲ୍ଲାପାଳଙ୍କ ଅଦାଲତରେ ଏକ ମାମଲା ବିଚାରାଧିନ ରହିଥିଲା। ଉକ୍ତ ମାମଲାର ବିଚାର କରି ଦେବୋତ୍ତର ଜମି ଉପରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ ଆଦେଶ ଦେଇଥିଲେ । ଆଦେଶ ଅନୁଯାୟୀ ଶନିବାର ଦିନ ଆଠଗଡ଼ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା , ଅତିରକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସୌମେନ୍ଦ୍ର କୁମାର ଭଞ୍ଜ , ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁ ଙ୍କ ସମେତ ସୁରକ୍ଷା ପାଇଁ ଚୌଦ୍ୱାର ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ନାୟକ ଓ ଗୁରୁଡିଝାଟିଆ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ମିଶ୍ର ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ଜମି ଉପରେ ନିର୍ମିତ ହୋଇଥିବା ବେଆଇନ ରାସ୍ତା ଓ ମାଙ୍କଡା ପଥର ସବୁ ଉଠାଯାଇ ଜବର ଦଖଲ ମୁକ୍ତ କରାଯାଇଥିଲା । ଆଗାମୀ ଦିନରେ ଆଠଗଡରେ ଦେବୋତ୍ତର ଜମିକୁ ଯେଉଁମାନେ ଜବର ଦଖଲ କରି ମାଡ଼ି ବସିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରାମଚନ୍ଦ୍ର କଳ୍ପନା ଯୁକ୍ତ କଲେଜରେ 'ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ



ନିରାକାରପୁର, (ସବ୍ୟୁ) ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସ୍ଥିତ ପ୍ରତିଷ୍ଠିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ ୨ କଲେଜ) ପରିସରରେ 'ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବିଶେଷ ସଭାରେ ବିଦ୍ୟାଳୟର ସମ୍ମାନିତ ଅଧକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି ପୌରୋହିତ୍ୟ କରିଥିଲେ। ସେ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୃଙ୍ଖଳିତ ଜୀବନ ଗଠନ ଓ ନିଷ୍ଠାପର ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ , ଅଧ୍ୟାପକ ଅଭିରାମ ପଣ୍ଡ ,ମନମୋହନ ନାୟକ,ଦିଲ୍ଲୀପ ବେହେରା ,ଆଦିକନ୍ଦ ପ୍ରଧାନ ,ଆଲୋକ ମଙ୍ଗରାଜ,ମୃତ୍ୟୁଞ୍ଜୟ ପଣ୍ଡା,ବିଶଜିତ ପଟ୍ଟନାୟକ ଓରାଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସମାଜ ଗଠନରେ ଯୁବପିଢ଼ି ଓ ଛାତ୍ର ସମାଜର ଭୂମିକା ସମ୍ପର୍କରେ ନିଜ ନିଜର ମୂଲ୍ୟବାନ ମତାମତ ରଖିଥିଲେ।ଏହି ଅବସରରେ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟରେ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ଉପସ୍ଥିତ ସମସ୍ତ ଅତିଥି, ସହକର୍ମୀ ଓ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ନାବାଳିକାକୁ ଦୁଷ୍କର୍ମ : ଦାଦା କୋର୍ଟ ଚାଲାଣ

ଗଣିଆ,(ସବ୍ୟୁ): ଗଣିଆ ଥାନା ଅଞ୍ଚଳର ଜଣେ ନା ବାଳିକା ଝିଆରୀକୁ ଦୁଷ୍କର୍ମ ଅଭିଯୋଗରେ ଗଣିଆ ପୋଲିସ ଶନିବାର ଦିନ ଦାଦାକୁ କୋର୍ଟ ଚାଲାଣ କରିଛି । ପୀଡ଼ିତା ନାବାଳିକାଙ୍କ ବାପା ମା ଭୁବନେଶ୍ୱରରେ କାମ କରି ନିଜର ପରିବାରର ପ୍ରତିପୋଷଣ କରିଥିବା ବେଳେ ସେ ତାଙ୍କ ନିଜ ବୃଦ୍ଧା ଜେଜେମାଙ୍କ ପାଖରେ ଛାମୁଣ୍ଡିଆରେ ରହୁଥିଲେ। ଏହାର ସୁଯୋଗ ନେଇ ପୀଡ଼ିତାଙ୍କ ଦାଦା ଦୁରୁକ ନାୟକ (୫୦) ଆଜକୁ ତିନି ମାସ ଧରି ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ । ଏହାର ଖବର ପାଇଁ ପୀଡ଼ିତା ନାବାଳିକାଙ୍କ ମା ଭୁବନେଶ୍ୱରରୁ ଆସି ଝିଅଙ୍କୁ ନେଇ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ଗଣିଆ ପୋଲିସ ୮୪/୨୬ରେ ଏକ ମାମଲା ରୁଜୁ କରିବା ସହିତ ଦୁରୁଜ ନାୟକଙ୍କୁ ଗିରଫ କରିଥିଲେ । ତେବେ ଦୁରୁଜ ନାୟକଙ୍କୁ ଡାକ୍ତରୀ ମାଇନା କରାଯିବା ପରେ ଶନିବାର ଦିନ କୋର୍ଟ ଚାଲାଣ କରାଯାଇଥିବା ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ କହିଛନ୍ତି ।

# ଶେଷଦେବ ସ୍ୱାଇଁ ଜଣେ ଦକ୍ଷ ସମାଜ ସେବକ



ଗଣିଆ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବାସୁଦେବ ଫାଉଣ୍ଡେସନ ସ୍ରଷ୍ଟା ସ୍ୱର୍ଗତ ବାସୁଦେବ ସ୍ୱାଇଁଙ୍କ କନିଷ୍ଠ ପୁତ୍ର ତଥା ଗଣିଆ ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁ ପିତାଙ୍କ ବାଣୀ ଓ ପରାମର୍ଶକୁ ପାଳନ କାରିବାକୁ ଯାଇ ଜଣେ ଦକ୍ଷ ସମାଜସେବୀ, ପରୋପକାରୀ, ଆଧ୍ୟାତ୍ମିକ,ବଦାନ୍ୟ ବ୍ୟକ୍ତି ଭାବେ ବେଶ ଜଣାଶୁଣା । ଗଣିଆ ପଞ୍ଚାୟତ ସମିତି ଅଧକ୍ଷ ଥିବା ସମୟରେ ସ୍ୱଚ୍ଛ ଓ ନିର୍ମଳ ଶାସନ ପାଇଁ ଦୁର୍ନୀତି ବିରୁଦ୍ଧରେ ସେ ପ୍ରଥମେ ଗଣିଆ ମାଟିରେ ସ୍ୱର ଉତ୍ତୋଳନ କରିଥିଲେ । ଭଲ ମଣିଷ, ହେବା ଭଲକାମ କରିବା ସହିତ ସମାଜ କିଭଳି ତାଙ୍କୁ ବଡ଼ କରିଛି ଜୀବନରେ କିଭଳି ସଂଗ୍ରାମ କରିଛନ୍ତି ସେଥିପାଇଁ ସେ ନିକଟରେ ଗତ ରବିବାର ଦିନ ଅନୁଷ୍ଠିତ ବାସୁଦେବ ଫାଉଣ୍ଡେସନର ସମ୍ବର୍ଦ୍ଧନା ସଭାରେ କଥାଛଳରେ ଥିଲି କଣ, ହେଲି କଣ ହେବି କଣ ଉକ୍ତିଟକୁ ଅତିସୁନ୍ଦର ଭାବେ ପ୍ରତିପାଦନ କରିଥିଲେ । ଏଥିସହ ଭବିଷ୍ୟତରେ ଟ୍ରଷ୍ଟ ମାଧ୍ୟମରେ ନିଜ ରୋଜଗାରରେ ବୃକ୍ଷ ରୋପଣ, ଶିକ୍ଷାର ପ୍ରସାର କରିବା, ଅଞ୍ଚଳର କୃଷି, ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ, ଲୋକ ସମ୍ପର୍କ, ଲୋକକଳାର ବିକାଶ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ସହିତ ଗଣିଆ ଅଞ୍ଚଳର ବିକାଶକୁ ଆଗେଇ ନେବାପାଇଁ ଏଇ ଫାଉଣ୍ଡେସନ ବଦ୍ଧ ପରିକର । ଏପରିକି ଅଞ୍ଚଳର ଶିକ୍ଷାର ଉନ୍ନତି ପାଇଁ ହଇରାଣ ହରକତ ହେଉଥିବା ଶିକ୍ଷାର୍ଥୀ ଓ ତାଙ୍କ ପରିବାରକୁ ସୁଲଭ ମୂଲ୍ୟରେ ସ୍ୱଳ୍ପ ଭଡାରେ ଉନ୍ନତମାନର ଗୃହ ଯୋଗାଇବା. କୃଷି ଓ କୃଷକର ଉନ୍ନତି ପାଇଁ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ଓ ପରିରକ୍ଷଣ ପାଇଁ ଶୀତଳ ଭଣ୍ଡାର ନିର୍ମାଣ, ଅସହାୟ ବୃଦ୍ଧ ବୃଦ୍ଧା ଙ୍କ ନିମନ୍ତେ ବୃଦ୍ଧଶ୍ରାମ ସ୍ଥାପନ, ଗରିବ ଅନାଥ ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷାପଥେ ସହାୟତାର ହାତ ବଢେଇବା ପାଇଁ ନିକଟ ଭବିଷ୍ୟତରେ ଲକ୍ଷ ରଖିଥିବା ବାସୁଦେବ ଫାଉଣ୍ଡେସନ ଟ୍ରଷ୍ଟି ଶ୍ରୀଯୁକ୍ତ ସ୍ୱାଇଁ ମତ ରଖିଥିଲେ ।

# କୋଣାର୍କ ମନ୍ଦିର କଳାକୃତି ଦେଖି ଆତ୍ମବିଭୋର ହେଲେ ବ୍ରିକ୍ସ ପ୍ରତିନିଧି ମଣ୍ଡଳୀ ସଦସ୍ୟ



କୋଣାର୍କ ,(ସବ୍ୟୁ): ବ୍ରିକ୍ସ ପ୍ରତିନିଧି ମଣ୍ଡଳୀ ସଦସ୍ୟମାନେ ଗୁରୁବାର ଅପରାହ୍ନରେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ପ୍ରକାଶ ଯେ ପୁରୀ ଠାରେ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ଆନ୍ତର୍ଜାତୀୟ ବ୍ରିକ୍ସ ସମ୍ମିଳନୀରେ ବ୍ରାଜିଲ, ଚାଇନା, ରୁଷିଆ, ୟୁଏଇ, ସାଉଦିଆରବ ସମେତ ୧୧ଗୋଟି ରାଷ୍ଟ୍ରର ପ୍ରତିନିଧି ମଣ୍ଡଳୀ ଓ ବିଶେଷଜ୍ଞ କମିଟି ଯୋଗ ଦେଇଛନ୍ତି। ଏହି ଆନ୍ତର୍ଜାତୀୟ ବ୍ରିକ୍ସ ସମ୍ମିଳନୀ ଆସନ୍ତା କାଲି ଶେଷ ହେବ। ଗୁରୁବାର ଏହି ପ୍ରତିନିଧି ମଣ୍ଡଳ କୋଣାର୍କ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିବା ପରେ ପୁରୀ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ପରେ ବ୍ରିକ୍ସ ପ୍ରତିନିଧି ମଣ୍ଡଳୀ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଯାଇଥିଲେ। ସରକାରୀ ସ୍ୱୀକୃତି ପ୍ରାପ୍ତ ଗାଇଡ ବିଶେଶର ଦାସ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଂସ୍କୃତି ଓ ଇତିହାସ ସଂପର୍କରେ ବିଶଦ ଭାବରେ ବ୍ରିକ୍ସ ପ୍ରତିନିଧି ମଣ୍ଡଳୀଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟ ମନ୍ଦିରର ଐତିହ୍ୟ ଓ କୀର୍ତ୍ତିରାଜି ଦେଖି ପ୍ରତିନିଧି ମଣ୍ଡଳୀ ସଦସ୍ୟ ଆତ୍ମବିଭୋର ହୋଇ ପଡିଥିବା ଦେଖିବାକୁ ମିଳିଥିଲା। ପରେ ପରେ ବ୍ରିକ୍ସ ପ୍ରତିନିଧି ମଣ୍ଡଳୀ ସଦସ୍ୟ ବଯାଖାନ କେନ୍ଦ୍ର ପରିଦର୍ଶନ କରିଥିଲେ ।ସୂର୍ଯ୍ୟ ମନ୍ଦିରର ଐତିହ୍ୟ ଓ କୀର୍ତ୍ତିରାଜି ଉପରେ ପଦ୍ମ ବିଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଦାରା ବଯାଖଯାନ କେନ୍ଦ୍ର ପରିସରରେ ନିର୍ମିତ କଳାକୃତି ଓ କୀର୍ତ୍ତିରାଜି ସଂପନ୍ନ ପ୍ରସ୍ତର ମୂର୍ତ୍ତି ମାନ ବୁଲି ଦେଖିଥିଲେ। ସେଠାରେ ବ୍ରିକ୍ସ ପ୍ରତିନିଧି ମଣ୍ଡଳୀ ସୂର୍ଯ୍ୟ ମନ୍ଦିର ଉପରେ ବର୍ଯବେଷିତ ପ୍ରାମାଣିକ ଚିତ୍ର ମନଭରି ଉପଭୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏହି ଗ୍ରସ୍ତ ସମୟରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନା, ପର୍ଯ୍ୟଟନ ବିଭାଗ ସହନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ଜିଲ୍ଲା ଆପଦକାଳୀନ ଅଧିକାରୀ ଅନୁସର୍ଭ ଗନ୍ତାୟତ, ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ଗୋପ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଅଣ୍ଟିଆ ମୌଜାରେ ଜମି କିଣି ଚିନ୍ତାରେ କ୍ରେତା : ଚକବନ୍ଦୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ନିମାପଡା,(ସବ୍ୟୁ) : କିଣି ଥିବା ଜମି ସରକାରୀ ଖାତାକୁ ଚାଲିଯାଇଛି । ସରକାରୀ ଖାତାକୁ ଚାଲିଯାଇଥିବା ୮ ଟି ଖାତାର ଜମି ଗୁଡିକ ଉପରେ ଘର କରି ଦୀର୍ଘ ବର୍ଷ ଧରି ଲୋକେ ବସବାସ କରି ଆସୁଛନ୍ତି । କେମିତି ଫେରି ପାଇବେ କଷ୍ଟ ଉପାର୍ଜିତ ଟଙ୍କାରେ କିଣିଥିବା ଜମି । ଆଶା ଆଶଙ୍କାରେ ରହିଛନ୍ତି ହଜାର ହଜାର ଲୋକ । ଜମି ରେକର୍ଡ ନିଜ ନାମରେ ସଂଶୋଧନ ହୋଇ ସ୍ଥାୟୀ ପଟ୍ଟା ପାଇବା ଦାବୀରେ ଗତ ଶୁକ୍ରବାର ଦିନ ଶହ ଶହ ଲୋକ ନିମାପଡା ଚକବନ୍ଦୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୯୯ ବର୍ଷର ଲମ୍ବା ଲଢେଇ ପରେ ପୁରୀ ଜିଲ୍ଲା ନିମାପଡା ତହସିଲ ଅନ୍ତର୍ଗତ ଅଣ୍ଟିଆ ମୌଜାର ଚକବନ୍ଦୀ ଫଇସଲା ପରେ ଗତ କିଛି ଦିନ ତଳେ ମୌଜାର ବାସିନ୍ଦାଙ୍କୁ ଜମି ପଟା ଯୋଗାଇ ଦିଆଯାଇଛି । ତେବେ ଉକ୍ତ ମୌଜାର ହୋଇଥିବା ଏହି ଚକବନ୍ଦୀ ଫଇସଲାରୁ ୫୦୭,୫୦୮,୫୩୬,୭୬,୬୩୫,୪୦,୬୭ ଓ ୫୦୬ ଉକ୍ତ ୮ ଟି ଖାତା ସରକାରୀ ଖାତାକୁ ଚାଲିଯାଇଥିବାରୁ ତାହା ଫଇସଲାରୁ ବାଦ ପଡିଛି । ଉକ୍ତ ୮ଟି ଖାତାରେ ଥିବା ଜମିକୁ ହଜାର ହଜାର ଲୋକ ବିକ୍ରେତାଙ୍କ ଠାରୁ କିଣି ରେଜିଷ୍ଟ୍ରି କରି ମ୍ୟୁଟେସନ ସାଙ୍ଗକୁ ପାର୍ଚ୍ଚା ପାଇବା ସହିତ ଅନେକ ଲୋକ କିଣିଥିବା ଜମିକୁ ଘରବାରୀ କିସମରେ ପରିବର୍ତ୍ତନ କରି ଜମି ଉପରେ ସ୍ଥାୟୀ ଭାବେ ଘର କରି ଦୀର୍ଘ ୪୦ ବର୍ଷ ହେବ ବସବାସ କରି ଆସୁଛନ୍ତି । ଉକ୍ତ ମୌଜାର ଫାଇନାଲ ସେଟେଲମେଣ୍ଟ ୧୯୨୭-୨୮ ମସିହାରେ କରାଯାଇ ଜମି ପଟ୍ଟା ବଂଟନ କରାଯାଇଥିଲା । ତତ୍ପରେ ୧୯୬୨ ମସିହାରେ ଚକବନ୍ଦୀରେ ଲୋକଙ୍କ ନାମରେ ରେକର୍ଡ ପ୍ରସ୍ତୁତ କରାଯାଇଥିଲା । ହଠାତ ୨୦୧୧ ମସିହାରେ ତତ୍କାଳିନ ତହସିଲଦାର ଉକ୍ତ ଖାତା ଗୁଡିକ ଭୁଲ କ୍ରମେ ବିଭିନ୍ନ ଲୋକଙ୍କ ନାମରେ ଚକବନ୍ଦୀ ଅଫିସର ଫଇସଲା କରିଥିବାରୁ ଏଗୁଡିକୁ ସରକାରୀ ଖାତାକୁ ନେବା ପାଇଁ ସୁପାରିଶ କରିଥିଲେ । ଚକବନ୍ଦୀ ନିର୍ଦ୍ଦେଶକ ନିମାପଡା ଚକବନ୍ଦୀ ଅଧିକାରୀଙ୍କୁ ଏହାର ରେକର୍ଡ ଯାଞ୍ଚ କରି କାର୍ଯଯାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଚକବନ୍ଦୀ ଅଧିକାରୀ ଜମିର କ୍ରେତା ମାନଙ୍କୁ ନ ଡାକି ରେକର୍ଡ ତନଖି ନକରି ଉକ୍ତ ଖାତା ଗୁଡିକୁ ସରକାରୀ ଖାତାକୁ ହସ୍ତାନ୍ତ କରି ଦେଇଥିବା ଅଭିଯୋଗ ହୋଇଛି । ଜମି କିଣି ତାହା ଉପରେ ଘରଦ୍ୱାର କରି ବସବାସ କରିଆସୁଥିବା ହଜାର ହଜାର ଲୋକ ଏବେ ଚିନ୍ତାରେ ରହିଛନ୍ତି । ସରକାରୀ ଖାତାରୁ ଫେରାଇ ଚକବନ୍ଦୀରେ ଫଇସଲା କରାଯାଇ କ୍ରେତାଙ୍କ ନାଁରେ ରେକର୍ଡ ସଂଶୋଧନ କରି ଜମି ପଟା ଯୋଗାଇ ଦେବାକୁ ଦାବୀ କରାଯାଇଛି । ନବ କିଶୋର ମିଶ୍ର,ଲିଙ୍ଗରାଜ ଖଟୋଇ,ନିରଂଜନ ମହାନ୍ତିଙ୍କ ସମେତ ଶତାଧିକ ଲୋକ ଆଜି ସକାଳେ ନିମାପଡା ଚକବନ୍ଦୀ କାର୍ଯଯାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କ୍ରୟ କରି ବସବାସ କରିଆସୁଥିବା ସ୍ଥିତିବାନ ଜମିକୁ କିଣିଥିବା ବ୍ୟକ୍ତିଙ୍କ ନାଁରେ ରେକର୍ଡ କରି ପଟା ପ୍ରଦାନ ପାଇଁ ସେମାନେ ଦାବୀ କରିଛନ୍ତି । ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ ,ଉପମୁଖ୍ୟମନ୍ତ୍ରୀ,ରାଜସ୍ୱ ମନ୍ତ୍ରୀ,ରାଜସ୍ୱ ସଚିବ,ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ସ୍ଥାନୀୟ ସହକାରୀ ଚକବନ୍ଦୀ ଅଧିକାରୀ ମନ୍ମଥ ନନ୍ଦଙ୍କୁ ପ୍ରଦାନ କରାଯାଇଛି । ଏସଂପର୍କରେ ଶ୍ରୀ ନନ୍ଦଙ୍କୁ ପଚାରିବାରେ ଉକ୍ତ ଦାବୀ ପତ୍ର ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି ।

